know your city BUDGET

## ବ୍ରହ୍ମପୁର ମହାନଗର ନିଗମର ୨୦୧୩-୧୪ ଆର୍ଥିକ ବର୍ଷର ଆୟ ଓ ବ୍ୟୟ

## ସଂପର୍କୀତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସମସ୍ୟା

- ବ୍ରହ୍ମପୁର ମହାନଗର ନିଗମର ନିଜସ୍ୱ ଆୟ ଦିନକୁ ଦିନ କମିବାରେ ଲାଗିଛି । ୨୦୦୧-୦୨ ମସିହାରେ ବାର୍ଷିକ ଆୟ ବୃଦ୍ଧିହାର ୧୭.୪% ଥିଲାବେଳେ ୨୦୧୩-୧୪ ମସିହା ବେଳକୁ (-୩%)କୁ ଖସି ଆସିଛି । ଯାହା ଏକ ଭଲ ସଂଙ୍କେତ ନୁହେଁ ।
- ୨୦୧୩-୧୪ ଆର୍ଥିକ ବର୍ଷର ଆନୁମାନିକ ଆୟ ହିସାବକୁ ନେଲେ ବ୍ରହ୍ମପୁର ମହାନଗର ନିଗମ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । ହିସାବରୁ ଜଣାଯାଏ ଯେ ମୋଟ ଆୟର ୭୩% (୯୮ କୋଟି ଟଙ୍କା) କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଅନୁଦାନ ପାଇବା ପାଇଁ ଆକଳନ କରାଯାଇଛି ।
- ୨୦୦୦-୦୧ ଆର୍ଥିକ ବର୍ଷରେ (୨୦୦୧ ଜନଗଣନା ଆଧାରରେ) ବ୍ରହ୍ମପୁର ମହାନଗର ନିଗମର ମୋଟ ଆୟକୁ ହିସାବ କଲେ ମୁଣ୍ଡପିଛା ଆୟ ୩୨୫ ଟଙ୍କା ଥିଲା କିନ୍ତୁ ୨୦୧୩-୧୪ ଆର୍ଥିକ ବର୍ଷରେ (୨୦୧୧ ଜନଗଣନା ହିସାବରେ) ଆକଳନ ଅନୁସାରେ ଯେ ମୁଣ୍ଡପିଛା ଆୟ ପ୍ରାୟ ଦଶ ଗୁଣ (୩୦୨୫ ଟଙ୍କା) ବୃଦ୍ଧି ପାଇଛି ।
- ୨୦୧୩-୧୪ ଆର୍ଥିକ ବର୍ଷରେ ମହାନଗର ନିଗମ ନିଜର ମୋଟ ଖର୍ଚ୍ଚ ର ପ୍ରାୟ ୭୯% ଜନ ମଙ୍ଗଳ ନିମନ୍ତେ ଖର୍ଚ୍ଚ କରିବା ପାଇଁ ପ୍ରାୟ ୨୦% ପ୍ରଶାସନିକ ଖର୍ଚ୍ଚ ବାବଦରେ ଓ ପ୍ରାୟ ୧% ବିଭିନ୍ନ ବାବଦରେ ହୋଇଥିବା ଋଣ ପରିଶୋଧ କରିବା ପାଇଁ ଯୋଜନା କରିଅଛି ।
- ୨୦୧୩-୧୪ ଆର୍ଥିକ ବର୍ଷରେ ଜନମଙ୍ଗଳ କାର୍ଯ୍ୟକ୍ରମ ବାବଦରେ ବ୍ୟୟ ବରାଦର ପ୍ରାୟ ୧୪.୭୪% (୧୨.୫୨ କୋଟି ଟଙ୍କା) ପରିମଳ ବାବଦରେ (ଏଥିରେ ଅଳିଆ ସଂଗ୍ରହ ଓ ପରିଚାଳନା, ନାଳ ନର୍ଦ୍ଦମା ସଫା, ଏବଂ ସର୍ବସାଧାରଣ ପାଇଖାନା) ଖର୍ଚ୍ଚ କରିବା ପାଇଁ ଯୋଜନା କରିଅଛି ।
- ୨୦୧୩-୧୪ ଆର୍ଥିକ ବର୍ଷର ଜନମଙ୍ଗଳ କାର୍ଯ୍ୟକ୍ରମ ବାବଦରେ କରାଯିବାକୁ ଥିବା ବ୍ୟୟର ପ୍ରାୟ ଏକ ପଞ୍ଚମାଂଶ (୧୭ କୋଟି ଟଙ୍କା) ରାସ୍ତା, କଲଭର୍ଟ ତିଆରି ଓ ମରାମତି ପାଇଁ ଯୋଜନା କରାଯାଇଛି ।
- ବସ୍ତି ମୁକ୍ତ ସହର ପାଇଁ ପ୍ରତିଶୃତି ଏକ ପ୍ରହେଳିକା ଭଳି ମନେ ହେଉଛି । ବ୍ରହ୍ମପୁର ମହାନଗର ନିଗମରେ ୧୩୭ରୁ ଉର୍ଦ୍ଧ ବସ୍ତିଥିବା ସତ୍ତ୍ୱେ ବାସ ଗୃହ ନିର୍ମାଣ (IHSDP ଓ RAY) ବାବଦରେ ମାତ୍ର ୨୦କୋଟି ୨୦ଲକ୍ଷ (୨୩.୭୮% ) ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି ।
- ଜଳାଶ୍ରୟ ଗୁଡିକର ପୁନରୁଦ୍ଧାର ଓ ପାନୀୟ ଜଳ ଯୋଗାଣ ବାବଦରେ ପ୍ରାୟ ୪ କୋଟି ୨୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ବ୍ରହ୍ମପୁର ସହରର ଜଳ ସମସ୍ୟାକୁ ଦେଖିଲେ ଏହି ବ୍ୟୟ ବରାଦ ଅତି ନଗଣ୍ୟ ଭଳି ମନେହୁଏ ।
- ସାହି ଆଲୋକ ବଣ୍ଟନ ପରିଚାଳନା ଓ ବିଦ୍ୟୁତ ଦେୟ ପାଇଁ ମାତ୍ର ୨ କୋଟି ୬୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବ୍ରହ୍ମପୁର ମହାନଗର ନିଗମର ବସ୍ତି ଅଞ୍ଚଳରେ ୧ଲକ୍ଷ ୧୭ହଜାର ୫୪୧ ଜଣ ଲୋକ ରୁହନ୍ତି ଯାହାକି ମୋଟ ଜନ ସଂଖ୍ୟାର ୩୧% । ଏତେ ପରିମାଣର ଗରିବ ଶ୍ରେଣୀର ଲୋକ ଥିବା ସତ୍ତ୍ୱେ ସେମାନଙ୍କ ଜୀବିକା ଓ ନିଯୁକ୍ତି ସୁଯୋଗ ପାଇଁ ମାତ୍ର ୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### ଆମର ଦାବି

- ମହାନଗର ନିଗମରେ ବଜେଟ୍ (ଆୟ ଓ ବ୍ୟୟର ଅଟକଳ) ଅନୁମୋଦନ ଲାଭ କରିବା ପୂର୍ବରୁ ବଜେଟ୍ ଡକ୍ୟୁମେଣ୍ଟ ସର୍ବସାଧାରଣଙ୍କ ଜାଣିବା ପାଇଁ ମହାନଗର ନିଗମର ନିଜସ୍ୱ ୱେବ୍ ସାଇଟ୍‌ରେ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରକାଶ କରାଯାଉ । ନିଗମର ଜନସୂଚନା ଅଧିକାରୀଙ୍କ ପାଖରେ ଏହାର ଏକ ନକଲ ରହୁ ଫଳରେ ଯେକୌଣସି ନାଗରୀକ ଚାହିଁବେ ଏହାର ଏକ ନକଲ ନେଇ ପାରିବେ ।
- ବଜେଟ୍ ତିଆରି ପୂର୍ବରୁ / ସମୟରେ ମହାନଗର ନିଗମ, ସର୍ବସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା ପାଇଁ "ୱାର୍ଡ କମିଟି" ଓ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ସଂଗ୍ରହ କରନ୍ତୁ ଓ ଏହାକୁ ସମ୍ମାନ ଦେଇ ସେହି ଅନୁସାରେ ବ୍ୟୟ ବରାଦ କରନ୍ତୁ ।
- ସହରାଞ୍ଚଳ ବସ୍ତିରେ ବାସକରୁଥିବା ଗରିବ ଓ ସାମାଜିକ ଅବହେଳିତ ଜନ ସାଧାରଣଙ୍କ ଉନ୍ନତି ପାଇଁ ଓ ବ୍ରହ୍ମପୁର ସହରରେ ମୌଳିକ ସୁବିଧା ଯଥା ପାନୀୟ ଜଳ, ପରିମଳ, ବାସଗୃହ ଓ ଗମନା ଗମନ ର ସୁବିଧା ପାଇଁ BMC ବଜେଟ୍‌ରେ ଅଧିକ ବ୍ୟୟ ବରାଦ କରାଯାଉ ।
- ମହାନଗର ନିଗମର ବିଭନ୍ନ ବିକାଶ ମୂଳକ କାର୍ଯ୍ୟରେ କରାଯାଇଥିବା ବ୍ୟୟର ଫଳାଫଳ (Outcome) ଜାଣିବା ପାଇଁ ମୂଲ୍ୟଯୁକ୍ତ ବଜେଟ୍ (Outcome Budget) ପ୍ରସ୍ତୁତ କରନ୍ତୁ । ଏହା ଫଳରେ ମହାନଗର ନିଗମରେ ପ୍ରଶାସନିକ ପରିଚାଳନା ଓ ଉତ୍ତର ଦାୟୀତ୍ୱ ନିଶ୍ଚିତ ହୋଇପାରିବ / ବୃଦ୍ଧିପାଇବ ଓ ଜନ ସାଧାରଣ ଏହାର ସୁଫଳ ପାଇବେ ।

- ବଜେଟ୍ ତିଆରି ବେଳେ ମହିଳା, ଶିଶୁ, ବୃଦ୍ଧ ଓ ଅସହାୟ ଏବଂ ଶାରିରୀକ ଭିନ୍ନକ୍ଷମ ମାନଙ୍କ ପାଇଁ ସତନ୍ତ୍ରଭାବେ ବ୍ୟୟବରାଦ କରାଯାଉ । ଏହି ରେକର୍ଡରେ ଶିଶୁ, ମହିଳା, ବୃଦ୍ଧ ଓ ଅସହାୟ ଏବଂ ଶାରିରୀକ ଭିନ୍ନକ୍ଷମ ମାନଙ୍କ ପାଇଁ କେଉଁ ଯୋଜନାରେ କେତେ ଟଙ୍କା ବ୍ୟୟ ବରାଦ କରିଛନ୍ତି ତାହା ଉଲ୍ଲେଖ ରହୁ ।
- କେଉଁ ଉତ୍ସରୁ ଆୟ କମୁଛି କିମ୍ବା ବଢୁଛି ଓ କେଉଁ ବାବଦରେ ବ୍ୟୟ କମାଇବା କିମ୍ବା ବଢାଇବାର ଯୋଜନା କରାଯାଇଛି ତାହାର କାରଣ ବିଷୟରେ ସତନ୍ତ୍ର ଭାବରେ ଉଲ୍ଲେଖ କରାଯାଉ ।
- ସୂଚନା ଅଧିକାର ଆଇନ ଅନୁସାରେ ଜନ ସୂଚନା ଅଧିକାରୀ ନିଜ ଆଡୁ ସତଃପ୍ରବୃତ ଭାବରେ ବଜେଟ୍ ଡକ୍ୟୁମେଣ୍ଟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରନ୍ତୁ ।

**ଜିଲ୍ଲା ପ୍ରଶାସନ ନିକଟରେ ଦାବୀ**

- ଜିଲ୍ଲା ପ୍ରଶାସନ କେଉଁ ବର୍ଷ କେଉଁ କାର୍ଯ୍ୟକ୍ରମ ବାବଦରେ କେତେ ଟଙ୍କା ପାଇଛନ୍ତି ଓ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ଏକ ରେକର୍ଡ ପ୍ରସ୍ତୁତ କରି ନିଜର ୱେବ ସାଇଟ୍‌ରେ ସର୍ବସାଧାରଣଙ୍କ ଆବଗତି ନିମନ୍ତେ ପ୍ରକାଶ କରନ୍ତୁ ଓ ଜନସୂଚନା ଅଧିକାରୀଙ୍କ ପାଖରେ ଏହାର ଏକ ନକଲ ରହୁ ଫଳରେ ଯେକୌଣସି ନାଗରୀକ ଏହାର ଏକ ନକଲ ଚାହିଲେ ନେଇ ପାରିବେ । ଏବଂ ବଜେଟ୍ ବିଷୟରେ ଲୋକ ଜାଣିବା ପାଇଁ ସକ୍ଷମ ହେବେ ।
- ଜିଲ୍ଲାରେ ଯେଉଁ ସବୁ କାର୍ଯ୍ୟାଳୟ ରହିଛି ସେହି କାର୍ଯ୍ୟାଳୟ ଗୁଡିକର ଯୋଜନା, ବଜେଟ୍, କାର୍ଯ୍ୟକାରିତା ଓ ତଦାରଖ କାର୍ଯ୍ୟକ୍ରମ ବିଷୟରେ ସୂଚନା ଉଭୟ ୱେବ ସାଇଟ୍ ଓ ଜନସୂଚନା ଅଧିକାରୀଙ୍କ ପାଖରେ ରହୁ ।
- ଯୋଜନା ବ୍ୟୟର ଉପଯୁକ୍ତ ପରିମାଣର ବ୍ୟୟ ରାଶି ଅନୁସୂଚିତ ଜାତି, ଜନ ଜାତି, ମହିଳା, ଶିଶୁ, ଶାରିରୀକ ଭିନ୍ନକ୍ଷମ ଓ ସଂଖ୍ୟାଲଘୁ ସଂପ୍ରଦାୟର ଜନ ସଂଖ୍ୟା ଆଧାରରେ ବ୍ୟୟ ବରାଦ ଉଲ୍ଲେଖ ରହୁ ।
- ଯେଉଁ ସବୁ ଯୋଜନା ଦ୍ୱାରା ଗୋଟିଏ ବ୍ୟକ୍ତି କିମ୍ବା ପରିବାର ଲାଭବାନ ହେଉଛନ୍ତି ବା ଲାଭବାନ ହେବାପାଇଁ ଯୋଜନା କରାଯାଇଛି ତାହାର ସୂଚନା ଉଭୟ ୱେବ ସାଇଟ୍ ଓ ଜନସୂଚନା ଅଧିକାରୀଙ୍କ ପାଖରେ ଉପଲବ୍ଧ କରାଯାଉ ।
- ମ୍ୟାନେଜମେଣ୍ଟ ଇନ୍‌ଫରମେସନ୍ ସିଷ୍ଟମ (MIS) ଅନ୍ତର୍ଗତ ଆସୁଥିବା ସମସ୍ତ ସୂଚନା, କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ସବୁଲୋକ ଜାଣିବାର ବ୍ୟବସ୍ଥା କରାଯାଉ ।
- ଗତ ପାଞ୍ଚ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ; ଯେଉଁ ସବୁ କାର୍ଯ୍ୟକ୍ରମ ବାବଦରେ ବ୍ୟୟ ବରାଦ ନୈରାଶ୍ୟ ଜନକ ରହିଛି ସେଗୁଡିକର କାରଣ ବିଷୟରେ ଜଣାନ୍ତୁ (ଅନୁଦାନ ପାଇବାରେ ଅବହେଳା, ଉପଯୁକ୍ତ ସମୟରେ ଅନୁଦାନ ନ ମିଳିବା ଓ ବିଭିନ୍ନ ବ୍ଲକ ଗୁଡିକରେ କରାଯାଇଥିବା କାର୍ଯ୍ୟକ୍ରମ) ।
- ସୂଚନା ଅଧିକାର ଆଇନ ଅନୁସାରେ ଜନ ସୂଚନା ଅଧିକାରୀ ନିଜ ଆଡୁ ସତଃପ୍ରବୃତ ଭାବରେ ବଜେଟ୍ ଡକ୍ୟୁମେଣ୍ଟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରନ୍ତୁ ।